Chapter- 8

# ବୁଦ୍ଧିର କରାମତି

**STUDY NOTES**

## MIND MAP




ODM EDUCATIONAL GROUP Changing your Tomorrow

ପ୍ରହରାଜପୁର ଗାଁରେ ବୁଢ଼ାପୀର ଓ ବୁଢ଼ୀ ଜାଗୁଳେଇ ପୀଠ ଗାଁର ଶୋଭା ବଢ଼ାଉଛି । ଏହାର ଉତରରେ ମହାନଦୀ ଓ ଦକ୍ଷିଣରେ ପାଇକା ନଦୀ କୁଳୁକୁଳୁ ନାଦରେ ବହିଯାଉଛି । ସବୁ ଜାତିର ଲୋକ ନିଜ କଳ ବେଉଷା କରି ଜୀବିକା ନିର୍ବାହ କରନ୍ତି । ଦାସ ଘର ଗୋଟିଏ ନାମଜାଦା ଘର ଅଟେ । ବୁଢ଼ା କଷ୍ଟ କରି ପିଲାମାନଙ୍କୁ ମଣିଷ କଲା, ହେଲେ ବୁଢ଼ା ବୟସରଙ୍କ ପିଲାମାନେ ସାହା ହେଲେ ନାହିଁ । ବେପାରୀ ଅମୃତ ଭଣ୍ଡା ଦେଇ ନେଇ ବୁଢ଼ାକୁ ଯେଉଁ ଟଙ୍କା ଦେଇଥିଲା ସେହି ଟଙ୍କାକୁ ରଖି ବୁଢ଼ା ରାତି ଅଧରେ ଜବାରେ ପୁରାଇ ଠଣଠଣ କଲା । ଏହି ଠଣ ଠଣ ଶବ୍ଦ ଶୁଣି ପୁଅ ବୋହୂ ଭାବିଲେ ବୁଢ଼ା ପାଖରେ ବହୁତ ଟଙ୍କା ଅଛି । ଏଥର ପାଳି କରି ବୁଢ଼ାର ସେବା ଶୁଶ୍ରୁତା ଚାଲିଲା । ବୁଢ଼ା ମରିଗଲା ପରେ ସେଇ ଟଙ୍କା ଲୋଭରେ ସମସ୍ତେ ବୁଢ଼ାର ଶୁଦ୍ଧିକ୍ରିୟା କଲେ । ପରେ ଡ଼ବା ଖୋଲି ଦେଖିଲା ବେଳକୁ ଡ଼ବାରେ ଖାଲି ୫୦ ଟଙ୍କା ଅଛି । ବୁଢ଼ା ଏ ବୁଦ୍ଧି ନ କରିଥିଲେ ତୁମେ ତାର ସେବା, ଶୁଦ୍ଧିକ୍ରିୟା କରିନଥାନ୍ତ । ଯାହା ହେଉ ଠାକୁରେ ବୁଢ଼ାକଣ୍ଠରେ ବସିବାରୁ ସେ ତରିଗଲା । ଶେଷଦିନତକ ସୁଖରେ ବୁଢ଼ାର କଟିଗଲା । ବୁଦ୍ଧିସବୁଠାରୁ ବଡ଼ । ଏ ସବୁ ବୁଦ୍ଧିର କରାମତି ।

ODM EDUCATIONAL GROUP
Changing your Tomorrow